ପାଠ-୧୪

# ସୁନାନେଉଳ

## STUDY NOTES

## MIND MAP



ଏକାଙ୍କିକାକାର ପରିଚୟ

ଶ୍ରୀ ମଙ୍ଗଲୁ ଚରଣ ବିଶ୍ୱାଳ ଓଡ଼ିଆ ସାହିତ୍ୟରେ ଜଣେ ସୁପରିଚିତ ସାଧକ । ସେ ସମ୍ବଲପୁର ଜିଲ୍ଲାର ପିତାପାଲି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଶିକ୍ଷକତା ଓ ସାହିତ୍ୟ ସାଧନାକୁ ସେ ବୃତ୍ତି ଓ ପ୍ରବୃତ୍ତି ଭାବରେ ଗ୍ରହଣ କରିଛନ୍ତି । ଏକାଧାରରେ ସେ ଜଣେ କବି, ଗାଳ୍ପିକ, ନାଟ୍ୟକାର, ଶିଶୁ ସାହିତ୍ୟିକ, ପ୍ରାବନ୍ଧିକ, ଔପନ୍ୟାସିକ ଓ ଏକାଙ୍କିକାକାର । ସାମାଜିକ ସଚେତନତା, ଆଦର୍ଶବାଦ ଓ ନୈତିକ ମୂଲ୍ୟବୋଧକୁ ନେଇ ତାଙ୍କ ଲେଖାଗୁଡ଼ିକ ପାଠକୀୟ ଆଦୃତି ଲାଭ କରିଛି । ତାଙ୍କ ରଚନା ଗୁଡ଼ିକ ମଧ୍ୟରେ ଉଲ୍ଲେଖଯୋଗ୍ୟ ହେଉଛି ।

କବିତାଗ୍ରନ୍ଥ :- ଅନନ୍ୟା, ମାଳଚ, ମନଲୀନା, ଭିତର ବାହାର

ଗଳ୍ପଗ୍ରନ୍ଥ :- ଅସ୍ତରାଗର କବି, ଅଗ୍ନିସମ୍ଭବା, ଅନ୍ୟ ଦିଗନ୍ତ

ଉପନ୍ୟାସ – ଦ୍ୱିଧାର ଲୁହ, ସ୍ମୃତିଲଗ୍ନା ଓ ଦୂରବସନ୍ତ

ନାଟକ – ଭୂଖା

ଏକାଙ୍କିକାର ପୃଷ୍ଠଭୂମି:-

ସୁନା ନେଉଳ ଆମ ପଠିତ ସାହିତ୍ୟିକା ବହିରେ ସଙ୍କଳିତ ଏକ ଏକାଙ୍କିକା । ଏହା ଏକ ପାଂଚଦୃଶ୍ୟ ବିଶିଷ୍ଟ ଏକଅଙ୍କର ଏକାଙ୍କିକା । ମହାଭାରତର ଏକ ପ୍ରାଣୀଚରିତମୂଳକ ଉପାଖ୍ୟାନକୁ ଆଶ୍ରୟ କରି ଏହି ଏକାଙ୍କିକାଟି ରଚିତ । ସୁତରାଂ ଏହା ଏକ ପୌରାଣିକ ଏକାଙ୍କିକା । ଏହି ଏକାଙ୍କିକାରେ ନିଃସ୍ୱାର୍ଥ ଦାନର ମହତ୍ତ୍ୱ ଓ ଦାତାଙ୍କର ମହନୀୟତା ପରିବେଷିତ ହୋଇଛି ।

**ଏକାଙ୍କିକାର ସାରକଥା :-**

ହସ୍ତିନା ରାଜ୍ୟରେ ଗୋଟିଏ ପଟରେ ଦୁଷ୍‌କାଳ ବା ମରୁଡ଼ି ପଡ଼ିଥିବାବେଳେ ଅନ୍ୟ ପଟରେ ମହାରାଜା ଯୁଧିଷ୍ଠିର ରାଜସୂୟ ଯଜ୍ଞ କରୁଥାନ୍ତି । ଏହି ସମୟର ଏକ ଘଟଣା । ବ୍ରାହ୍ମଣ ଉଛିବନ୍ତ ଭିକ୍ଷାବୃତ୍ତି କରି ଜୀବନ ନିର୍ବାହ କରନ୍ତି । ଘରେ ବ୍ରାହ୍ମଣୀ ଓ ଶିଶୁପୁତ୍ର ସନାତନ । ସନାତନ କ୍ଷୁଧାତୃଷାରେ ଶଯ୍ୟାଶାୟୀ । ବ୍ରାହ୍ମଣୀ ପୁଅକୁ ମୁଠେ ଦାନା ଦେବାକୁ ବ୍ୟାକୁଳ ହୋଇଛି । ବ୍ରାହ୍ମଣ ଉଛିବନ୍ତ ଶୂନ୍ୟହସ୍ତରେ ଘରକୁ ଫେରିଛନ୍ତି । ଦୁର୍ଭିକ୍ଷର କରାଳ ଛାୟାରେ ବଂଚୁଥିବା ହସ୍ତିନାପୁରରୁ ସେ ଭିକ୍ଷା

ପାଇନାହାନ୍ତି । ତଥାପି ଭିକ୍ଷା ନ ମିଳିବାକୁ ବି ସେ ଭଗବାନଙ୍କ ଦୟା ବୋଲି କହିଛନ୍ତି । ଭୋକ ଅଭାବରେ ବି ତାଙ୍କର ଈଶ୍ୱରବିଶ୍ୱାସ ଅତୁଟ ରହିଛି । ଜନପଦ, ବଜାର କେଉଁଠୁ ବି କିଛି ମିଳିନି । ଏଣେ ବାଳୁତ ସନାତନ ମାଆକୁ ପିଇବାକୁ ପାଣି ମୁନ୍ଦେ ମାଗିଛି ଓ ଖାଇବାକୁ ଦାନା ମୁଠେ ବିକଳ ହୋଇ ମାଗିଛି । ସେ ଯେତେଥର ମାଗିଛି ବ୍ରାହ୍ମଣୀ ଦଉଛି ବାପ ବୋଲି କହି କେବଳ ପ୍ରବୋଧନା ଦେଇଛନ୍ତି । ସନାତନ ଢ଼କ ଢ଼କ କରି ପାଣି ପିଇବା ପରେ ତାର ଦୁର୍ବଳ ଅବସ୍ଥାକୁ ଦେଖି ବ୍ରାହ୍ମଣୀ ମ୍ରିୟମାଣ ହୋଇ ପଡ଼ିଛନ୍ତି । ବ୍ରାହ୍ମଣ ବ୍ରାହ୍ମଣୀକୁ ଥୟ ଧରିବାକୁ କହିଛନ୍ତି । ସାରା ହସ୍ତିନାପୁରବାସୀ ଖାଇବାକୁ ନ ପାଇ ପଲପଲ ହୋଇ ମରୁଛନ୍ତି । ଭଗବାନ ଦୟାକଲେ ପେଜ କି ଜାଉ ପୋଷେ ପଡ଼ିବ ବୋଲି ସେ ଆଶା କରିଛି ।

ସେଦିନ ବ୍ରାହ୍ମଣୀ ଘର ଅଣ୍ଡାଳି ପୋଷେ ଖୁଦ ପାଇ ଜାଉ କରିଥିଲେ । ଭୋକିଲା ପୁଅକୁ ଖାଇବାକୁ ଦେବେ ବୋଲି ଭାବିଥବଲେ । ମାତ୍ର ଆଗନ୍ତୁକ ଅତିଥିଙ୍କୁ ବ୍ରାହ୍ମଣ ତାହା ଦେଇଦେଲେ । ଅତିଥିଙ୍କୁ ନିଉଛୁଣା କହି ବ୍ରାହ୍ମଣୀ ଗାଳି ଦେଉଥିବାବେଳେ ବ୍ରାହ୍ମଣ ପ୍ରବୋଧନା ଦେଇ କହିଛି ଅତିଥି ଆମର ପରମ ଆରାଧ୍ୟ । ତାଙ୍କୁ ଅତିଥ୍ୟ ଦେବା ଆମର କର୍ତ୍ତବ୍ୟ ।